# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ଓ୍ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୬.୦୮.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୦.୩୦ ମିନିଟ୍
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଶ୍ରୀଧର ବେହେରା, ଚେୟାରମ୍ୟାନ,
୨. ଶ୍ରୀମତୀ ପଙ୍କଜା ପ୍ରିୟଦର୍ଶିନୀ ଜେନା,
୩. ଶ୍ରୀମତୀ ସମିତା ମହାନ୍ତି,
୪. ଶ୍ରୀମତୀ ଜୟନ୍ତି ସାହୁ,
୫. ଶ୍ରୀ ସନ୍ତୋଷ କୁମାର ସିଂହ

ଅଦ୍ୟ ତା ୧୬.୦୮.୨୦୨୫ ରିଖ ପୂର୍ବାହ୍ନ ଘ.୧୦.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ଓ୍ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ବେହେରା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ୨୦୨୫-୨୬ ଆର୍ଥିକ ବର୍ଷ ବଜେଟରେ ଓ୍ୱାର୍ଡରେ ଉନ୍ନତିମୂଳକ କାର୍ଯ୍ୟ ପାଇଁ ବାର୍ଷିକ କାର୍ଯ୍ୟ ଯୋଜନା (Annual Action Plan) ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଅଛି, ଯେହେତୁ ଚଳିତ ବର୍ଷ ଶେଷ ହେବାକୁ ଯାଉଅଛି, ଓ୍ୱାର୍ଡରେ ଉନ୍ନତିମୂଳକ କାର୍ଯ୍ୟର ଆବଶ୍ୟକ ପଡୁଅଛି । କାର୍ଯ୍ୟ ଗୁଡ଼ିକ ପାଇଁ ନିବିଦା ଆହ୍ୱାନ କରି କାର୍ଯ୍ୟ ଆରମ୍ଭ ପର୍ଯ୍ୟନ୍ତ ପ୍ରାୟ ଦୁଇ/ତିନି ମାସ ଲାଗୁଅଛି, ତେଣୁ ଜରୁରୀ କାର୍ଯ୍ୟ ଗୁଡ଼ିକ Anticipation approval of Govt. କୁ ଦୃଷ୍ଟିରେ ରଖି ନିବିଦା ଆହ୍ୱାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଖରା ବର୍ଷାରୁ ଯାତ୍ରୀମାନଙ୍କୁ ରକ୍ଷା କରିବା ପାଇଁ ଏ.ଜି ଛକରେ ହୋଇଥିବା ସେଡ୍ ଭଳି ଆଉ ଦୁଇ ଗୋଟି ଛକରେ ସେଡ୍ ନିର୍ମାଣ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ରୁପାଲି ଛକ, R.D Women's University ରୁ ସହିଦନଗରକୁ ଯାତାୟତ ପାଇଁ ଯାନବାହନ ଗହଳି ଯୋଗୁଁ ଜନସାଧାରଣ ଓ ଛାତ୍ରୀମାନେ ଅସୁବିଧାର ସମ୍ମୁଖିନ ହେଉଥିବାରୁ ସେଠାରେ ଏକ Foot Over Bridge ନିର୍ମାଣ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ବଡ଼ଗଡ଼ ହାଟ ନିର୍ମାଣ କରିବା ପାଇଁ OUIDF ରୁ ଋଣ ଆଣି ସମ୍ପାଦନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଚନ୍ଦ୍ରଶେଖରପୁର ଠାରେ ଥିବା କଲ୍ୟାଣମଣ୍ଡପକୁ ଭାଙ୍ଗି ସେଠାରେ ଉନ୍ନତମାନର କଲ୍ୟାଣମଣ୍ଡପ ନିର୍ମାଣ କରିବା ପାଇଁ ପ୍ଲାନ୍ ଓ ଅଟକଳ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ଉପ ଆୟୁକ୍ତ (ପି.ଏମ୍.ୟୁ ସେଲ) ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ନାଗେଶ୍ୱର ଟାଙ୍ଗୀ ହାଟ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ପରିଚାଳିତ ବୀର ସୁରେନ୍ଦ୍ର ସାଏ ନଗର, ବଡ଼ଗଡ଼ ଓ ସହିଦନଗର ଠାରେ ଥିବା କଲ୍ୟାଣମଣ୍ଡପକୁ ମରାମତି କରି ତା'ର ଭଡ଼ା ବୃଦ୍ଧି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୮). BMC ICOMC ର LG Floor ମଝି ଅଂଶରେ ପାର୍ଟିସନ୍ କମ୍ ଉଚ୍ଚା ଥିବାରୁ କର୍ମଚାରୀଙ୍କ ନିରାପତା ଓ କାଗଜପତ୍ରର ନିରାପତା ପାଇଁ ପାର୍ଟିସନ୍‌ରେ ଆଉ ଦୁଇ ଫୁଟ ଉଚ୍ଚାର କାଚର ପାର୍ଟିସନ୍ ଲଗାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ବେହେରା
ସଭାପତି
ତା ୧୬.୦୮.୨୦୨୫ ରିଖ

I. T. PMU

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୬.୦୮.୨୦୨୫ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-
୧. ଶ୍ରୀମତୀ ମହାମାୟା ସ୍ୱାଇଁ, ଚେୟାର୍‌ପରସନ୍,
୨. ସକିବା ମୁଶରତ୍,
୩. ପୂଜା ବେହେରା,
୪. ଶ୍ରୀମତୀ ସୁଷମା ସାହୁ,
୫. ଶ୍ରୀମତୀ ସ୍ମୃତିଶିଖା ବରିସଲ,
୬. ଶ୍ରୀ ଅଜିତ୍ ବେହେରା,
୭. ଶ୍ରୀ ଆଶିଷ କୁମାର ପଟ୍ଟନାୟକ

ଅଦ୍ୟ ତା ୧୬.୦୮.୨୦୨୫ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ମହାମାୟା ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଆଫୋର୍ଡେବୁଲ୍ ହାଉସ୍ ପାଇଥିବା ବ୍ୟକ୍ତିମାନଙ୍କ ଠାରୁ ଗୃହ ଟିକସ ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଯେଉଁ ବସ୍ତିବାସିନ୍ଦାମାନେ ଭୂମି ପ୍ରମାଣପତ୍ର (ଏଲ୍.ଆର୍.ସି) ପାଇଛନ୍ତି ସେମାନଙ୍କ ଠାରୁ ୟୁଜର୍ସ ଫି ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଜାଗା ମିଶନ୍ ଯୋଜନାରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ବିଲ୍ ପଇଠ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଗାଡ଼କଣ ଠାରେ BSUP ଯୋଜନାରେ ପାଇଥିବା ହିତାଧିକାରୀମାନେ ଘର ଗୁଡ଼ିକ ବେଆଇନ୍ ଭାବେ Extension କରିଛନ୍ତି ସେଗୁଡ଼ିକ ଉଚ୍ଛେଦ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୫୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମହାମାୟା ସ୍ୱାଇଁ
ସଭାପତି
ତା ୧୬.୦୮.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୦୮.୨୦୨୫ ରିଖ

ସମୟ-ଅପରାହ୍ନ ଘ.୦୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ରାମଚନ୍ଦ୍ର ରଣସିଂହ, ଚେୟାର୍‌ମ୍ୟାନ୍,
୨. ଶ୍ରୀମତୀ ସୁଚିତ୍ରା ପାତ୍ର,
୩. ଶ୍ରୀ ଲାଲମୋହନ ଟୁଡୁ

ଅଦ୍ୟ ତା ୧୮.୦୮.୨୦୨୫ ରିଖ ଅପରାହ୍ନ ଘ.୦୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାମଚନ୍ଦ୍ର ରଣସିଂହ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଗତ ତା ୧୮.୦୭.୨୦୨୫ ରିଖ ନିର୍ଦ୍ଧାରଣ ସଂଖ୍ୟା-୧(୧) ରେ ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ପାର୍କ, ରାସ୍ତାର ମିଡ଼ିଆନ୍ ଓ ରାସ୍ତା ପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ହୋଇଥିବା ସ୍ଥାନ ଗୁଡ଼ିକ କିଭଳି ରକ୍ଷଣାବେକ୍ଷଣ ହେଉଅଛି ତାହା ଦେଖିବା ପାଇଁ ନିଷ୍ପତି ହୋଇଥିଲେ ମଧ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟରେ ଉପ ଆୟୁକ୍ତ, ପାର୍କ ଓ ପରିବେଶ ଅଧିକାରୀ ବ୍ୟସ୍ତ ରହୁଥିବାରୁ ଉକ୍ତ ସ୍ଥାନ ଗୁଡ଼ିକ କମିଟିଙ୍କୁ ଦେଖାଇ ପାରିନଥିଲେ, ତେଣୁ ବୃକ୍ଷରୋପଣ କାର୍ଯ୍ୟ ପରେ ଉକ୍ତ ସ୍ଥାନ ଗୁଡ଼ିକ କମିଟିଙ୍କୁ ଦେଖାଇବା ପାଇଁ ଉପ ଆୟୁକ୍ତ, ପାର୍କ ଓ ପରିବେଶ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଚଳିତ ବର୍ଷ ଏନ୍.ଜି.ଓ ମାନଙ୍କୁ ଦିଆଯାଇଥିବା ବୃକ୍ଷରୋପଣ କାର୍ଯ୍ୟ କେଉଁ ୱାର୍ଡ଼ରେ କେଉଁ ଏନ୍.ଜି.ଓ ସମ୍ପୂର୍ଣ୍ଣ କରିଛନ୍ତି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ପରିବେଶ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ କେତେକ ସ୍ଥାନରେ ଗଛଡ଼ାଳ ଗୁଡ଼ିକ ରାସ୍ତା ଉପରକୁ ମାଡ଼ି ଯାଇଥିବାରୁ ରାତିରେ ବିଦ୍ୟୁତ୍ ଆଲୋକ ଠିକ୍ ଭାବରେ ରାସ୍ତା ଉପରେ ପଡୁନାହିଁ, ତେଣୁ ସେହିସବୁ ସ୍ଥାନରୁ ଗଛଡ଼ାଳ କାଟିବା ପାଇଁ ପରିବେଶ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୨୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାମଚନ୍ଦ୍ର ରଣସିଂହ
ସଭାପତି
ତା ୧୮.୦୮.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୦୮.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୦.୩୦ ମିନିଟ୍
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ଶ୍ରୀଧର ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ କବିତା ସ୍ୱାଇଁ,
୩. ନମିତା ମହାପାତ୍ର,
୪. ଶ୍ରୀ ବିପ୍ଳବ ବେହେରା,
୫. ଶ୍ରୀ ସୁକୁମାର ସାହୁ

ଅଦ୍ୟ ତା ୧୮.୦୮.୨୦୨୫ ରିଖ ପୂର୍ବାହ୍ନ ଘ.୧୦.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଘର ପ୍ଲାନ୍ ଅନୁମୋଦନ ସମୟରେ ଘରର ପ୍ଲିନ୍ଥ ମୁଖ୍ୟ ରାସ୍ତା ଠାରୁ ଦୁଇ ଫୁଟ ଉଚ୍ଚରେ ବ୍ୟବସ୍ଥା କରି ପ୍ଲାନ୍ ଅନୁମୋଦନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁମାନେ G+3 ଯେକୌଣସି ଘର ନିର୍ମାଣ କରୁଛନ୍ତି ସେମାନଙ୍କ ଠାରୁ NOC ଫି ଏବଂ EIDP ଫି ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ସହିଦନଗରରେ କେତେ ଗୋଟି G+3 ବିଶିଷ୍ଟ ଗୃହ ଅଛି ସେମାନଙ୍କ ମଧ୍ୟରୁ କେତେ ଗୋଟି ଗୃହର ଅକୁପାନ୍ସି ସାର୍ଟିଫିକେଟ୍ ନେଇଛନ୍ତି ଏବଂ କେତେ ଜଣ EIDP ଫି ଦାଖଲ କରି Final NOC ନେଇଛନ୍ତି ଓ ଏ ବାବଦରେ ସେମାନଙ୍କ ଠାରୁ କେତେ ଅର୍ଥ ଆଦାୟ ହୋଇଅଛି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନଗର ଯନ୍ତ୍ରୀ ଓ ନଗର ପ୍ଲାନର୍ ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ନିଗମାଂଚଳରେ ନିର୍ମାଣ ହେଉଥିବା ବହୁତଳ ପ୍ରାସାଦ ପାଇଁ ଭୁବନେଶ୍ୱର ମହାନଗର ନିଗମରୁ ଅକୁପାନ୍ସି ସାର୍ଟିଫିକେଟ୍ ନପାଇବା ପର୍ଯ୍ୟନ୍ତ ଘରକୁ ବିଦ୍ୟୁତ୍ ସଂଯୋଗ (House Connection) ନଦେବାପାଇଁ TATA Power ଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ବହୁତଳ ପ୍ରାସାଦ ପାଇଁ ଦିଆଯାଉଥିବା ଅକୁପାନ୍ସି ସାର୍ଟିଫିକେଟ୍ ନିମନ୍ତେ ଇଞ୍ଜିନିୟର୍‌ମାନେ ଦେଉଥିବା ସାଇଟ୍ ଭିଜିଟ୍‌ର ଦସ୍ତଖତ କପି ପ୍ରତି ମାସରେ କମିଟିରେ ଉପସ୍ଥାପନ କରିବା ପାଇଁ ନଗର ପ୍ଲାନର୍‌ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ପ୍ରତି ମାସରେ କେତେ Final NOC ପାଇଁ ଆବେଦନ କରୁଛନ୍ତି ଏବଂ କେତେ ଜଣଙ୍କୁ Final NOC ଦିଆଯାଉଅଛି ଏବଂ ସେମାନେ EIDP ରେ କ'ଣ କାର୍ଯ୍ୟ କରିଛନ୍ତି ତାହାର ତଥ୍ୟ ପ୍ରତି ମାସ ଷ୍ଟାଣ୍ଡିଂ କମିଟିରେ ଉପସ୍ଥାପନ କରିବା ପାଇଁ ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୨୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା ୧୮.୦୮.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଲାଇସେନ୍ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୯.୦୮.୨୦୨୫ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପୁଷ୍ପା ରାଉତ,
୩. ଶ୍ରୀମତୀ ପୂଜା ମହାରଣା,
୪. ଶ୍ରୀମତୀ ମଧୁସ୍ମିତା ପ୍ରଧାନ

ଅଦ୍ୟ ତା ୧୯.୦୮.୨୦୨୫ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ କେତେକ ବିଜ୍ଞାପନଫଳକ ଲଗାଯାଇଅଛି ସେଗୁଡ଼ିକର ଦାବିଦାର କୌଣସି ସଂସ୍ଥା/ବ୍ୟକ୍ତି କରୁନାହାଁନ୍ତି, ତେଣୁ ଆସନ୍ତା ମାସ ମଧ୍ୟରେ ସେଗୁଡ଼ିକ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ସାଲିଆ ସାହି ନିକଟସ୍ଥ IDBI Bank ହୋଇଥିବା ଗୃହ ଉପରେ ବହୁ ଗୃହ ଟିକସ ବକେୟା ଅଛି ତାଙ୍କ ଠାରୁ ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୪.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା ୧୯.୦୮.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୯.୦୮.୨୦୨୫ ରିଖ | ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା<br>ସ୍ଥାନ-BMC-ICOMC ର ତଳ ମହଲା<br>ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଦୀପକ କୁମାର ମିଶ୍ର, ଚେୟାରମ୍ୟାନ୍,
୨. ଶ୍ରୀ କୁମାରେନ୍ଦ୍ର ମହାପାତ୍ର,
୩. ଶ୍ରୀମତୀ କିରଣବାଳା ମାଝୀ,
୪. ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପରିଡ଼ା,
୫. ଶ୍ରୀମତୀ ଧରିତ୍ରୀ ଜେନା,
୬. ଶ୍ରୀମତୀ ବନ୍ଦିତା ପାଲ,
୭. ଶ୍ରୀ ଅଚ୍ୟୁତାନନ୍ଦ ସ୍ୱାଇଁ

ଅଦ୍ୟ ତା ୧୯.୦୮.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଦୀପକ କୁମାର ମିଶ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଓଡ଼ିଶା ମୁନିସିପାଲ୍ କର୍ପୋରେସନ୍ ଆକ୍ଟ-୨୦୦୩ ଧାରା ୩୦ ଅନୁଯାୟୀ ମୁନିସିପାଲ୍ କମିଶନର, ଭୁବନେଶ୍ୱର ମହାନଗର ନିଗମ ତାଙ୍କର ଅଧିନସ୍ଥ ନିଗମରେ କାର୍ଯ୍ୟରତ ଥିବା ଅଧିକାରୀ ମାନଙ୍କୁ କାର୍ଯ୍ୟର ସୁପରିଚ୍ଛଳନା ନିମନ୍ତେ ତାଙ୍କର କ୍ଷମତା ହସ୍ତାନ୍ତର କରିଅଛନ୍ତି । ଏହି ପରିପ୍ରେକ୍ଷୀରେ ହସ୍ତାନ୍ତରିତ ହୋଇଥିବା କ୍ଷମତା ସମ୍ବନ୍ଧୀୟ କାର୍ଯ୍ୟାଳୟ ଆଦେଶ ଗୁଡ଼ିକ ଯଥା:- ଆଦେଶ ସଂଖ୍ୟା-୩୮୫୯୫ ତା ୦୫.୦୮.୨୦୨୫ ରିଖରେ ଶ୍ରୀ ରତ୍ନାକର ସାହୁ, ଅତିରିକ୍ତ କମିଶନରଙ୍କୁ ଏଷ୍ଟାବ୍ଲିସ୍‌ମେଂଟ ସେକ୍ସନ୍ ପରିଚ୍ଛଳନା ଦାୟିତ୍ୱ ଓ ଆଦେଶ ସଂଖ୍ୟା-୩୯୪୦୭ ତା ୦୮.୦୮.୨୦୨୫ ରିଖରେ ଶ୍ରୀ ରତ୍ନାକର ସାହୁ, ଅତିରିକ୍ତ କମିଶନରଙ୍କୁ ଆର୍ଥିକ ମଞ୍ଜୁର କରିବା କ୍ଷମତା ଟ ୩୫ ଲକ୍ଷ ପର୍ଯ୍ୟନ୍ତ ହସ୍ତାନ୍ତର କରିଛନ୍ତି, ଆଦେଶ ସଂଖ୍ୟା-୩୯୩୯୫ ତା ୦୮.୦୮.୨୦୨୫ ରିଖରେ ଶ୍ରୀମତୀ ସସ୍ମିତା ସାହୁ, ଅତିରିକ୍ତ କମିଶନରଙ୍କୁ ଆର୍ଥିକ ମଞ୍ଜୁର କରିବା କ୍ଷମତା ଟ ୩୫ ଲକ୍ଷ ପର୍ଯ୍ୟନ୍ତ, ଆଦେଶ ସଂଖ୍ୟା-୩୯୩୯୮ ତା ୦୮.୦୮.୨୦୨୫ ରିଖରେ, ଶ୍ରୀ କୈଳାସ ଚନ୍ଦ୍ର ଦାସ, ଅତିରିକ୍ତ କମିଶନରଙ୍କୁ ଆର୍ଥିକ ମଞ୍ଜୁର କରିବା କ୍ଷମତା ଟ ୩୫ ଲକ୍ଷ ପର୍ଯ୍ୟନ୍ତ, ଆଦେଶ ସଂଖ୍ୟା-୩୯୪୦୪ ତା ୦୮.୦୮.୨୦୨୫ ରିଖରେ, ଶ୍ରୀ ଧନଞ୍ଜୟ ମହାନ୍ତି, ଉପ ଆୟୁକ୍ତଙ୍କୁ ଆର୍ଥିକ ମଞ୍ଜୁର କରିବା କ୍ଷମତା ଟ ୨୫ ଲକ୍ଷ ପର୍ଯ୍ୟନ୍ତ, ଆଦେଶ ସଂଖ୍ୟା-୩୯୩୯୨ ତା ୦୮.୦୮.୨୦୨୫ ରିଖରେ, ଶ୍ରୀ ମନ୍ମଥ ନାୟକ, ଉପ ଆୟୁକ୍ତଙ୍କୁ ଆର୍ଥିକ ମଞ୍ଜୁର କରିବା କ୍ଷମତା ଟ ୨୫ ଲକ୍ଷ ପର୍ଯ୍ୟନ୍ତ, ଆଦେଶ ସଂଖ୍ୟା-୩୯୪୦୧ ତା ୦୮.୦୮.୨୦୨୫ ରିଖରେ, ମିସ୍ ରଶ୍ମିରେଖା ଅମାତ୍ତ, ଉପ ଆୟୁକ୍ତଙ୍କୁ ଆର୍ଥିକ ମଞ୍ଜୁର କରିବା କ୍ଷମତା ଟ ୨୫ ଲକ୍ଷ ପର୍ଯ୍ୟନ୍ତ, ଆଦେଶ ସଂଖ୍ୟା-୩୯୩୮୯ ତା ୦୮.୦୮.୨୦୨୫ ରିଖ, ଶ୍ରୀମତୀ ପ୍ରିୟଙ୍କା ମଲ୍ଲିକ୍, Drawing & Disbursement Officer (DDO) କ୍ଷମତା ହସ୍ତାନ୍ତର କରିଅଛନ୍ତି ଏବଂ ଆଦେଶ ସଂଖ୍ୟା-୩୯୩୮୦ ତା ୦୮.୦୮.୨୦୨୫ ରିଖରେ, ଶ୍ରୀ ଯୋଗେନ୍ଦ୍ର ମାଝୀ, ଉପ ଆୟୁକ୍ତଙ୍କୁ ODA Court ପରିଚ୍ଛଳନା ଦାୟିତ୍ୱ ହସ୍ତାନ୍ତରିତ କରିଅଛନ୍ତି । ଏହାର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ କମିଟିଙ୍କ ବିଚ୍ଛର:- ନଥି ନଂ- XXIII-Gen (Misc.)-31/2024 (Pt.) ଟିପ୍ପଣୀ ପୃଷ୍ଠା-୬ ରୁ ୧୧ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମର ODA Court ରେ ବିଚ୍ଛରାଧିନ ଥିବା ମାମଲା ଗୁଡ଼ିକର ଆଇନଗତ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ପରିସମାପ୍ତି କରିବା ନିମନ୍ତେ ଏକ SOP ପ୍ରସ୍ତୁତ କରାଯାଇଅଛି । ଉକ୍ତ SOP ଉପରେ କମିଟିଙ୍କ ବିଚ୍ଛର:- ନଥି ନଂ- XXIII-(G.M)-118/2025

ନିର୍ଦ୍ଧାରଣ-୨. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ-୩. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୩(୧). ଭୁବନେଶ୍ୱର ମହାନଗର ନିଗମରେ ଡ଼ି.ଏଲ୍.ଆର୍ ଓ ସି.ଏଲ୍.ଆର୍ କର୍ମଚାରୀମାନେ ଦୀର୍ଘ ବର୍ଷ ହେବ କାର୍ଯ୍ୟ କରୁଛନ୍ତି ସେମାନଙ୍କ ମଧରୁ କେତେକ ମୃତ୍ୟୁବରଣ କଲେଣି, କେତେକ ଅବସର ଗ୍ରହଣ କଲେଣି, କିନ୍ତୁ ସେମାନେ ତାଙ୍କ ପରିବାର ସ୍ୱଳ୍ପ ମଜୁରୀରେ କାର୍ଯ୍ୟ କରି ବହୁ ଦୁଃଖକଷ୍ଟରେ ସମୟ କାଟୁଛନ୍ତି, ତେଣୁ ସେମାନଙ୍କୁ ଚାକିରୀରେ ନିୟମିତ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୨). ଯେଉଁ କର୍ମଚାରୀମାନେ ବିନା ଅନୁମତିରେ ଦୀର୍ଘଦିନ ହେବ କାର୍ଯ୍ୟରେ ଅନୁପସ୍ଥିତ ରହୁଛନ୍ତି ଏହା ଉପରେ ବିଧିବଦ୍ଧ ଭାବେ ପଦକ୍ଷେପ ନେଇ ସେମାନଙ୍କୁ ଚାକିରୀରୁ ବହିଷ୍କାର କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୩(୩). ଭୁବନେଶ୍ୱର ମହାନଗର ନିଗମ ଅଧିନ ଡ୍ରେନେଜ୍ ଉପବିଭାଗରେ ନିୟୋଜିତ ଥିବା TSU କର୍ମଚାରୀଙ୍କ ପ୍ରତି EPF ଓ ESI ଲାଗୁ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ମଧାହ୍ନ ଘ. ୧୨.୨୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ଦୀପକ କୁମାର ମିଶ୍ର
ସଭାପତି
ତା ୧୯.୦୮.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୦.୦୮.୨୦୨୫ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀମତୀ ବିନୟିନୀ ଜେନା, ଚେୟାର୍‌ପରସନ୍,
୨. ଶ୍ରୀମତୀ ଇତିଶ୍ରୀ ଦାସ,
୩. ଶ୍ରୀମତୀ ଗିତାଞ୍ଜଳୀ ସାହୁ,
୪. ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ,
୫. ଶ୍ରୀ ଶିବ ନାରାୟଣ ରାୟ

ଅଦ୍ୟ ତା ୨୦.୦୮.୨୦୨୫ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ବିନୟିନୀ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ମୁଖ୍ୟ ରାସ୍ତା, ଗଳିକନ୍ଦି ରାସ୍ତା ଉପରେ ଗାଡ଼ି ରହୁଥିବାରୁ ସଠିକ୍ ଭାବେ ରାସ୍ତା ସଫେଇ ହୋଇପାରୁନାହିଁ ଏବଂ ଜନସାଧାରଣ ଯାତାୟତରେ ଅସୁବିଧା ହେଉଅଛି, ତେଣୁ ପ୍ରତ୍ୟେକ ୱାର୍ଡ଼ରେ ପାର୍କିଙ୍ଗ୍ ବ୍ୟବସ୍ଥା କରିବା ପାଇଁ ଆବଶ୍ୟକ ହେଉଅଛି ଏବଂ ଏଥିପାଇଁ ଆବଶ୍ୟକ ଜମି ନିମନ୍ତେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନକୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳ ରାସ୍ତା ଉପରେ ଗାଡ଼ି ନରଖିବା ପାଇଁ ସଚେତନ କରାଇବା ଏବଂ ରାସ୍ତା ଉପରୁ ଗାଡ଼ି ଗୁଡ଼ିକ ଟୋଇଙ୍ଗ୍ କରି ଉଠାଇବା ନିମନ୍ତେ ନିର୍ଦ୍ଦେଶ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). କମ୍ୟୁନିଟି ଅରଗାନାଇଜର୍‌ମାନଙ୍କ ବିରୁଦ୍ଧରେ ଅଭିଯୋଗ ଆସୁଥିବାରୁ ସେମାନଙ୍କୁ ଗୋଟିଏ ୱାର୍ଡ଼ରୁ ଅନ୍ୟ ୱାର୍ଡ଼କୁ ବଦଳି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୫.୩୩ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିନୟିନୀ ଜେନା
ସଭାପତି
ତା ୨୦.୦୮.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୦.୦୮.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ରାଜକିଶୋର ଦାସ, ଚେୟାରମ୍ୟାନ୍,
୨. ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ,
୩. ଶ୍ରୀ ଚନ୍ଦ୍ରଶେଖର ମଲିଆ,
୪. ଶ୍ରୀ ଶିବ ପ୍ରସାଦ ବେହେରା,
୫. ଶ୍ରୀମତୀ ଯଶୋଧାରା ପ୍ରଧାନ,
୬. ଶ୍ରୀମତୀ ଅଲିଅଳି ମଲ୍ଲିକ୍,
୭. ଅସିୟା ବେଗମ୍

ଅଦ୍ୟ ତା ୨୦.୦୮.୨୦୨୫ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ରାଜକିଶୋର ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଗୃହ ଟିକସ ବଢାଇବା ପାଇଁ ପ୍ରତି ୱାର୍ଡରେ ଏବଂ ଆପାର୍ଟମେଂଟରେ ରବିବାର/ ଛୁଟିଦିନରେ କ୍ୟାମ୍ପକୋର୍ଟ କରି ଗୃହ ଟିକସ ଆଦାୟ କରିବା ଏବଂ ତା ପୂର୍ବଦିନ ସମ୍ପୃକ୍ତ ୱାର୍ଡ଼/ଆପାର୍ଟମେଂଟରେ କ୍ୟାମ୍ପକୋର୍ଟ ବିଷୟରେ ଜନସାଧାରଣଙ୍କୁ ଜଣାଇବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ସମସ୍ତ ବ୍ୟବସାୟିକ ଅନୁଷ୍ଠାନ ଗୁଡ଼ିକରୁ ଟ୍ରେଡ୍ ଲାଇସେନ୍ସ ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ୟୁନିଟ୍-୧ ଷ୍ଟେଟ୍ ବ୍ୟାଙ୍କ୍ ପାଖ ରାସ୍ତା, ଲିଙ୍ଗରାଜ ମନ୍ଦିର ପାଖ, କିମ୍ସ ହସ୍ପିଟାଲ୍ ପାଖ, ସୈନିକ ସ୍କୁଲ୍ ପାଖରେ ବହୁ ଗାଡ଼ି ରହୁଥିବାରୁ ସେଠାରୁ ପାର୍କିଙ୍ଗ୍ ଫି ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ସହିଦନଗର ଜୁଡ଼ିଓ ଦୋକାନ ପାଖରେ ବହୁ ଗାଡ଼ି ରାସ୍ତା ପାର୍ଶ୍ୱରେ ରହୁଅଛି ତାଙ୍କ ଉପରେ ଫାଇନ୍ କରାଯାଉ ଏବଂ ସେଠାରେ ଇନ୍‌ଷ୍ଟିଚ୍ୟୁଟ୍ ପାର୍କିଙ୍ଗ୍ କରି ଫି ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନଂ-୬, ୭ ଓ ୩୦ ରେ ଥିବା ଖାଓଗଳିର ପ୍ରତ୍ୟେକ ବ୍ୟବସାୟୀମାନଙ୍କ ଠାରୁ ଟ୩,୦୦୦/- ମାତ୍ର ଲେଖାଏଁ ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ମହର୍ଷି କଲେଜ ନିକଟରେ ତିଆରି ହେଉଥିବା DN Home ଆପାର୍ଟମେଂଟରେ ବହୁ ବିଜ୍ଞାପନଫଳକ ଲାଗିଅଛି ସେଠାରୁ କେଉଁ ସଂସ୍ଥା ଠାରୁ କେତେ ଅର୍ଥ ଆଦାୟ ହୋଇଅଛି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ଉପ ଆୟୁକ୍ତ, ରାଜସ୍ୱଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). କମିଟିରେ ଉପସ୍ଥାପନ କରାଯାଇଥିବା ଆୟବ୍ୟୟ ହିସାବ ଫର୍ଦ୍ଦରେ ଯେଉଁ ଖର୍ଚ୍ଚ ଏକ କୋଟିରୁ ଅଧିକ ହେଉଅଛି ତାହାର ସବିଶେଷ ତଥ୍ୟ ସହିତ ଉପସ୍ଥାପନ କରିବା ପାଇଁ ନିଗମର ବିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୮). କମିଟିରେ ଉପସ୍ଥାପନ କରାଯାଇଥିବା ଆୟବ୍ୟୟ ହିସାବ ଫର୍ଦ୍ଦରେ ଗାଡ଼ି ବାବଦକୁ ବହୁ ଅର୍ଥ ଖର୍ଚ୍ଚ ଦର୍ଶାଯାଇଅଛି ଏଥିପାଇଁ ସଫେଇ ଓ ପରିମଳ କାର୍ଯ୍ୟ ପାଇଁ କେତେ ଗାଡ଼ି ଲାଗିଛି ଓ କେତେ ଅର୍ଥ ଖର୍ଚ୍ଚ ହୋଇଅଛି, ଅନ୍ୟାନ୍ୟ କେତେ ଗାଡ଼ି ଲାଗିଅଛି ଏବଂ ଏଥିପାଇଁ କେତେ ଅର୍ଥ ଖର୍ଚ୍ଚ ହୋଇଅଛି ତାହା ଅଲଗା କରି ଦେବାପାଇଁ ବିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୯). କ୍ୱାର୍ଟର ମରାମତି କରି ରାସ୍ତା ଉପରେ ଡ଼େବ୍ରିଜ୍ ଜମା କରୁଛନ୍ତି ତାଙ୍କ ଉପରେ ଫାଇନ୍ ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୨୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ରାଜକିଶୋର ଦାସ
ସଭାପତି
ତା ୨୦.୦୮.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ
## କମିଟି ବୈଠକ ବିବରଣୀ

ତା ୨୧.୦୮.୨୦୨୫ ରିଖ

ସମୟ-ପୂର୍ବାହ୍ନ ଘ.୧୦.୩୦ ମିନିଟ୍
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଚେୟାର୍‌ମ୍ୟାନ୍,
୨. ଶ୍ରୀମତୀ ମିନୁଶ୍ରୀ ଖୁଂଟିଆ,
୩. ଶ୍ରୀ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ,
୪. ଶ୍ରୀମତୀ ଛବି ଦାଶ,
୫. ଶ୍ରୀମତୀ ମୋନାଲିସା ସାହୁ,
୬. ଶ୍ରୀମତୀ ରଞ୍ଜୁଲତା ରାୟ

ଅଦ୍ୟ ତା ୨୧.୦୮.୨୦୨୫ ରିଖ ପୂର୍ବାହ୍ନ ଘ.୧୦.୩୦ ମିନିଟ୍ ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିରଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା RFP ସଂଖ୍ୟା-୪୦୪୯୭ ତା ୦୧.୦୧.୨୦୨୪ ରିଖ ଅନୁସାରେ ଘର ମାନଙ୍କରୁ ପୃଥକ୍ ଭାବେ ଅଳିଆ ସଂଗ୍ରହ କରିବା ଏବଂ ତା ସହିତ IEC କାର୍ଯ୍ୟ ସମ୍ପାଦନ କରିବା ପାଇଁ ୩ ଗୋଟି ଏନ୍.ଜି.ଓ/ ଏଜେନ୍ସିକୁ ନିୟୋଜିତ କରାଯାଇଛି । ସଂସ୍ଥାମାନେ ପ୍ରତି ଯାନ ପାଇଁ ୧(ଏକ) ଜଣ ହେଲ୍‌ପର୍ ନିୟୋଜନ କରୁଥିବାରୁ ଅଳିଆ ସଂଗ୍ରହ ସଠିକ୍ ଭାବେ ହୋଇପାରୁନାହିଁ, ସେହି ଜଣଙ୍କର ଦେହ ଅସୁସ୍ଥ କିମ୍ବା କୌଣସି କାରଣବଶତଃ ଛୁଟିରେ ରହିଲେ ସେ ଏରିଆରେ ଅଳିଆ ସଂଗ୍ରହ ହୋଇପାରୁନାହିଁ । ନିଗମାଂଚଳରେ ଥିବା ବହୁତଳ ପ୍ରାସାଦ ଏରିଆ, ଜନଗହଳି ଅଂଚଳରୁ ମଧ ଠିକ୍ ସମୟ ମଧରେ ଅଳିଆ ସଂଗ୍ରହ ହୋଇପାରୁନାହିଁ, କେତେକ ଅଂଚଳରେ ମଧ ଅଫିସ୍ ସମୟ ପୂର୍ବରୁ ଅଳିଆ ସଂଗ୍ରହ ହୋଇପାରୁନାହିଁ, ଏଥିପାଇଁ ଜନସାଧାରଣ ଅସନ୍ତୋଷ ପ୍ରକାଶ କରୁଛନ୍ତି ଫଳରେ କେତେକ ଲୋକ ରାସ୍ତା ଉପରେ ଅଳିଆ ଫୋପାଡୁଛନ୍ତି । ତେଣୁ ପୂର୍ବ ଟେଣ୍ଡର ଭଳି ଗୋଟିଏ ସଫେଇ ଗାଡ଼ିରେ ଦୁଇ ଜଣ ଲେଖାଏଁ ହେଲ୍‌ପର୍ ପରୀକ୍ଷାମୂଳକ ଭାବେ ୩ (ତିନି) ମାସ ପାଇଁ ରଖାଯାଇ ଅଳିଆ ସଂଗ୍ରହ କାର୍ଯ୍ୟ ସୁରୁରୁପେ ସମ୍ପାଦନ ହୋଇପାରୁଥିବାରୁ ସେମାନଙ୍କର ନିୟୋଜନ ସମୟ ଟେଣ୍ଡର କାର୍ଯ୍ୟକାଳ ପୂରଣ ହେବା ପର୍ଯ୍ୟନ୍ତ ବୃଦ୍ଧି କରାଯାଇ ଆବଶ୍ୟକ ମତେ ଚୁକ୍ତିପତ୍ରରେ ସଂଶୋଧନ କରିବା ନିମନ୍ତେ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ଅଂଚଳରେ ପ୍ରତ୍ୟେକ ଘରୁ ପୃଥକ୍ ଭାବେ ଅଳିଆ ସଂଗ୍ରହ ଏବଂ IEC କାର୍ଯ୍ୟ ପାଇଁ ୬(ଛଅ) ଗୋଟି ପ୍ୟାକେଜ୍‌ରେ କାର୍ଯ୍ୟ ପାଇଁ ୩ ଗୋଟି ସଂସ୍ଥା ନିୟୋଜିତ ହୋଇଛନ୍ତି ଏବଂ ତା ୩୦.୦୬.୨୦୨୫ ରିଖରେ ସମସ୍ତ ବି.ଏମ୍.ସି ଯାନବାହାନ ଓ pushcart ପୁରୁଣା ଏନ୍.ଜି.ଓ ମାନଙ୍କ ଠାରୁ ହସ୍ତାନ୍ତର କରାଯାଇଛି । ତା ୦୧.୦୭.୨୦୨୫ ରିଖ ଠାରୁ ୩ ଗୋଟି ନୂଆ ଏନ୍.ଜି.ଓ/ ଏଜେନ୍ସି ଏହି କାର୍ଯ୍ୟକୁ ଆରମ୍ଭ କରିଛନ୍ତି । ବର୍ତ୍ତମାନ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ମୋଟ ୪୫୫ ଟି Light Commercial Vehicle ଅଛି । ଏହା ଭିତରୁ ୪୨୨ ଟି Light Commercial Vehicle (LCV) ସବୁଦିନ Door to Door Collection କାର୍ଯ୍ୟରେ ବ୍ୟବହୃତ ହେଉଛି, ସେଥି ମଧରୁ ୫୫ ଟି Vehicle breakdown ହୋଇଛି । ଏହି ଯାନ ମାନଙ୍କ ଭିତରୁ ୨୭୫ ଟି ଭେଇକିଲ୍ ୪ (ଚାରି) ବର୍ଷ ପୂର୍ବରୁ କ୍ରୟ କରାଯାଇଥିଲା, ଯାହାକି କମ୍ ସମୟାବଧିରେ ମରାମତିର ଆବଶ୍ୟକତା ପଡୁଛି । ଏହାକୁ ଭିତିକରି ଏହି ୩ ଗୋଟି ଏନ୍.ଜି.ଓ/ ଏଜେନ୍ସିଙ୍କୁ Hire basis ରେ Light Commercial Vehicle ବ୍ୟବହାର କରିବା ପାଇଁ ଅନୁମୋଦନ ଆବଶ୍ୟକ । ଯେହେତୁ ଘରୁ ଉପୁଜୁଥିବା ଅଳିଆ ସଂଗ୍ରହ କରିବାରେ କୌଣସି ସମସ୍ୟା ସୃଷ୍ଟି ନହେବାପାଇଁ ଏନ୍.ଜି.ଓ/ ଏଜେନ୍ସି ମାନଙ୍କୁ Emergency Service କୁ ଆଖି ଆଗରେ ରଖି ସେମାନଙ୍କୁ ତା ୧୨.୦୭.୨୦୨୫ ରିଖ ଠାରୁ ତା ୧୧.୧୦.୨୦୨୫ ରିଖ ପର୍ଯ୍ୟନ୍ତ ଯଥା- ୩ ମାସ ଯାଏଁ ଅବଧି ଏବଂ ଏନ୍.ଜି.ଓ/ ଏଜେନ୍ସି wise hiring vehicle ନିମ୍ନବତ୍ ଅଟେ :-

1-M/s Basix Municipal Waste Ventures Ltd. ପାଇଁ 12 ଟି Tata Ace LCV 2-M/s. Vikash ପାଇଁ 8 ଟି Tata Ace LCV 3- M/s. Feedback Foundation & Charitable Trust ପାଇଁ 8 ଟି Tata Ace LCV ବର୍ତ୍ତମାନ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶ ଅନୁସାରେ ପୁରୁଣା ଯାନବାହାନ ଗୁଡ଼ିକର Inspection ପାଇଁ ଭୁବନେଶ୍ୱର ମହାନଗର

ନିଗମ ପକ୍ଷରୁ ଅତିରିକ୍ତ ଆୟୁକ୍ତଙ୍କ ଅଧକ୍ଷତାରେ କମିଟି ଗଠିତ ହୋଇଛି ଏବଂ ଏହି କମିଟିର ସଦସ୍ୟମାନେ ଯଥା :- ଉପ ଆୟୁକ୍ତ (ପରିମଳ), ଆସିଷ୍ଟାଂଟ୍ କମିଶନର (ଯାନ), ମୁଖ୍ୟ ବିତ ଅଧିକାରୀ ଏବଂ ମୋଟର୍ ଭେଇକିଲ୍ ଇନିସ୍‌ପେକ୍ଟର (ଏମ୍.ଭି.ଆଇ) । ଏହି କମିଟି ଯାନବାହାନ ଗୁଡ଼ିକର Inspection କରିବେ । ଉକ୍ତ Inspection ରିପୋର୍ଟ ଆଧାରରେ ପୁରୁଣା ଗାଡ଼ି ମରାମତି କିମ୍ବା ନିଲାମ କରାଯିବ । RFP କରାଯାଇଏନ୍.ଜି.ଓ/ ଏଜେନ୍ସିମାନେ ବି,ଏମ୍.ସି ର ଗାଡ଼ି ଭଳି ଗାଡ଼ି ଲଗାଇବା କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୟୁନିଟ୍-୧ ଓ ୟୁନିଟ୍-୨ ମାର୍କେଟ୍ (ୱାର୍ଡ଼ ନଂ-୪୦) ଭୁବନେଶ୍ୱର ସହରର ସବୁଠୁ ବଡ଼ ବ୍ୟବସାୟିକ କେନ୍ଦ୍ର ଗୁଡ଼ିକ ମଧରୁ ଗୁରୁତ୍ୱପୂର୍ଣ୍ଣ । Wholesale, Retail Trading, Food Vending, Public Utility Services ଯୋଗୁଁ ପ୍ରତିଦିନ ବ୍ୟାପକ ଭିଡ଼ ହେଉଛି । ବିଶେଷତଃ ମାଛ, ମାଂସ ଓ ପନିପରିବା ଇତ୍ୟାଦିରୁ ବହୁଳ ପରିମାଣରେ ଜୈବ ଅବଶିଷ୍ଟ, ପାଣିଭଳି ବର୍ଜ୍ୟ ଉତ୍ପାଦିତ ହେଉଥିବାରୁ ତ୍ୱରିତ ଭାବରେ ଅବଶିଷ୍ଟ ସଂଚୟ ହେଉଛି ଏବଂ ଏହା ଅସ୍ୱଚ୍ଛତା, ଦୁର୍ଗନ୍ଧ, vector breeding ଓ ସଂକ୍ରାମକ ରୋଗର ସ୍ଥିତି ସୃଷ୍ଟି କରୁଛି ।

ଏହି ବଜାର ଗୁଡ଼ିକରେ ସ୍ୱଚ୍ଛତା ନିରନ୍ତର ରଖିବା ସାଧାରଣ ଜନସ୍ୱାସ୍ଥ୍ୟ, ସ୍ୱଚ୍ଛ ଭାରତ ମିଶନ୍ ଏବଂ Municipal Solid Waste Rules ର ପାଳନ ପାଇଁ ଅତ୍ୟନ୍ତ ଆବଶ୍ୟକ । ନୂତନ D2D Tender (South East Zone-B) ଅନୁସାରେ ୱାର୍ଡ଼ ନଂ-୪୦ ପାଇଁ M/s. Feedback Foundation & Charitable Trust (FFCT) ସହ ବି.ଏମ୍.ସି ଚୁକ୍ତି କରିଛି । ୟୁନିଟ୍-୧ ଓ ୟୁନିଟ୍-୨ ବଜାରରେ ୩,୫୦୦ ରୁ ଅଧିକ ଦୋକାନ ଓ ପ୍ରାୟ ୩୦-୩୫ TPD ବର୍ଜ୍ୟ ଉତ୍ପାଦିତ ହେଉଛି, ଯାହା ପାଇଁ ବିଶେଷ Sanitation arrangement ଆବଶ୍ୟକ । ବର୍ତମାନର ଏଗ୍ରିମେଂଟ ଅନୁଯାୟୀ ଏନ୍.ଜି.ଓ/ଏଜେନ୍ସି କେବଳ peripheral areas କୁ maintain କରୁଛନ୍ତି, ଯେଉଁଥିରେ sweeping ପାଇଁ ସୁଇପର୍ ନିୟୋଜିତ ହେଉଛନ୍ତି, କିନ୍ତୁ vehicles & equipment hire basis ରେ ଭେଇକିଲ୍ ସେକ୍ସନ୍ ଦ୍ୱାରା arrangement କରାଯାଉଥିବାରୁ supervision ଓ efficiency କମ୍ ହେଉଛି । ଏହି ପରିସ୍ଥିତିରେ M/s. Feedback Foundation & Charitable Trust (FFCT) ପକ୍ଷରୁ ୟୁନିଟ୍-୧ ଓ ୟୁନିଟ୍-୨ ବଜାରରେ ୨୪ ଘଂଟିଆ sanitation management ପାଇଁ ପ୍ରସ୍ତାବ ଦିଆଯାଇଛି ।

ବି.ଏମ୍.ସି ପକ୍ଷରୁ ପ୍ରସ୍ତାବିତ Resource Deployment (Rationalized)

**Unit-1 Market:**

| **Shift** | **LCV (D2D)** | **Sweeping Manpower** | **Pushcart (Sweeping & D2D shops)** |
|---|---|---|---|
| Ist Shift (5 AM-1 PM) | 7 | 12 | 5 |
| 2nd Shift (4 PM-12 midnight) | 7 | 12 | 5 |

(2 existing D2D LCV already engaged for night commercial collection can be utilized)

**Unit-2 Market:**

| **Shift** | **LCV (D2D)** | **Sweeping Manpower** | **Pushcart (Sweeping & D2D shops)** |
|---|---|---|---|
| Ist Shift (5 AM-1 PM) | 1 | 7 | 4 |
| 2nd Shift (4 PM-12 midnight) | 1 | 7 | 4 |

(1 existing D2D LCV already engaged for night commercial collection can be utilized)

**Additional Requirement:**

1 supervisor per shift (total 2 per day)

ଏଥିପାଇଁ ଆବଶ୍ୟକ ଗାଡ଼ି ଓ ଲେବର ନିୟୋଜନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ୱାର୍ଡ଼ ଅଫିସ୍‌ରେ ନିୟୋଜିତ ହୋଇଥିବା କର୍ମଚ୍ଚରୀ ଠିକ୍ ଭାବରେ କାର୍ଯ୍ୟ ସମ୍ପାଦନ କରିପାରୁନାହାଁନ୍ତି, ତେଣୁ ସେମାନଙ୍କୁ ବଦଳା ଯାଇ ଲେଖିପଢି ପାରୁଥିବା ଭଲ ବ୍ୟକ୍ତିଙ୍କୁ ନିୟୋଜନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମାଂଚଳରେ ରାସ୍ତା ଉପରକୁ ମାଡ଼ି ଆସିଥିବା ଗଛଡ଼ାଳକୁ କାଟିବା ପାଇଁ ଆଉ ତିନି ଗୋଟି ଗାଡ଼ି କ୍ରୟ କରିବା ସହିତ ଆବଶ୍ୟକ କର୍ମଚ୍ଚରୀ ଯୋଗାଇଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ମଧାହ୍ନ ୧୨.୫୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିରଂଚି ନାରାୟଣ ମହାସୁପକାର
ସଭାପତି
ତା ୨୧.୦୮.୨୦୨୫ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୨.୦୮.୨୦୨୫ ରିଖ

ସମୟ-ଅପରାହ୍ନ ଘ.୦୪.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

**ଉପସ୍ଥିତ ସଭ୍ୟ/ସଭ୍ୟା :-**

୧. ଶ୍ରୀମତୀ ସୁଲୋଚନା ଦାସ, ମେୟର-ତଥା-ଚେୟାରପର୍ସନ୍,
୨. ଶ୍ରୀ ଚଞ୍ଚଳ ରାଣା, କମିଶନର
୩. ଶ୍ରୀମତୀ କେ. ଶାନ୍ତି, ସଭ୍ୟା
୪. ଶ୍ରୀମତୀ ଭାରତୀ ସିଂ, ସଭ୍ୟା
୫. ଶ୍ରୀ ବିରଂଚି ନାରାୟଣ ମହାସୁପକାର,
ଚେୟାର୍‌ମ୍ୟାନ୍, ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର୍ ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି
୬. ଶ୍ରୀ ଶ୍ରୀଧର ବେହେରା,
ଚେୟାର୍‌ମ୍ୟାନ୍, ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି

ଅଦ୍ୟ ତା ୨୨.୦୮.୨୦୨୫ ରିଖ ଅପରାହ୍ନ ଘ.୦୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମାଂଚଳର ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର OPWD Code ଅନୁଯାୟୀ ସର୍ତ୍ତମୂଳକ ଭାବେ ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ କମ୍ % |
|---|---|---|---|---|---|
| 1. | Regular repair & maintenance of roads in Ward No.-56,57 & 59 of Bhubaneswar Municipal Corporation (BMC) Area File No.-XXIX-Div.-III-368/2024 | Rs.48,23,292/- | Rs. 41,00,280/- | Pratap Ch. Maharana | 14.99 |
| 2. | Regular repair & maintenance of roads in Ward No.-32,33,43,44,58 of Bhubaneswar Municipal Corporation (BMC) Area File No.-XXIX-Div.-III-367/2024 | Rs.72,78,763/- | Rs. 61,87,677/- | M/s. Omm Sai Associates | 14.99 |
| 3. | Regular repair & maintenance of roads in Ward No.-28,35.36,40,41 & 42 of Bhubaneswar Municipal Corporation (BMC) Area File No.-XXIX-Div.-III-366/2024 | Rs.67,64,429/- | Rs. 57,50,441/- | Lokanath Mohanty | 14.99 |
| 4. | Constn. of new drain and repair works with cover slab at different locations in Ward No.-12 File No.-XXXXXV-(D)-523/2024 | Rs.1,28,15,876/- | Rs.1,08,94,776/- | Singh Transport & Constn. Baijyantimala Baliarsingh | 14.99 |

ନିର୍ଦ୍ଧାରଣ-୧. ପ୍ରସ୍ତାବ ବର୍ଣ୍ଣିତ ଚାରି ଗୋଟି କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ସର୍ବ ସମ୍ମତିକ୍ରମେ ଗ୍ରହଣ/ ଅନୁମୋଦନ କରାଗଲା ।

ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମାଂଚଳର ନିମ୍ନବର୍ଣ୍ଣିତ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇ କାର୍ଯ୍ୟ ସମ୍ପାଦନ କରାଯିବା ସମୟରେ କେତେକ Item, modification ଆଦି ପରିବର୍ତ୍ତନର ଆବଶ୍ୟକ ପଡ଼ିବାରୁ ରିଭାଇଜଡ଼୍ ଅଟକଳ ପ୍ରସ୍ତୁତ କରାଯାଇ ସମ୍ପୃକ୍ତ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ରିଭାଇଜଡ଼୍ ଅଟକଳ |
|---|---|---|---|
| 1. | Providing paver block in conservancy lane at Sahid Nagar in Cluster No.-4 (Lane No.-51 to Lane No.-65) in Ward No.-30<br>File No.-XXIX-Div.-II-1404/2022 | Rs.1,18,14,159/- | Rs.1,21,36,787/- |

ନିର୍ଦ୍ଧାରଣ-୨. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୩. ଭୁବନେଶ୍ୱର ମହାନଗର ନିଗମାଂଚଳ ୱାର୍ଡ଼ ନଂ-୨୩ ଘାଗୁଡ଼ି ବ୍ରିଜ୍ ଠାରୁ ମମତା ଦାସ, ଅଶୋକ ସ୍ୱାଇଁ ଘର ପର୍ଯ୍ୟନ୍ତ ପେଭର୍ ରୋଡ୍ ଓ ନାଳ ନିର୍ମାଣ ନିମନ୍ତେ ନିବିଦା ସଂଖ୍ୟା-୧୭/୨୩-୨୪ ତା ୧୧.୧୦.୨୦୨୩ ରିଖରେ କଚ୍ଚା, ପକ୍କା କାର୍ଯ୍ୟ ପାଇଁ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକୁ ଯାଂଚ୍ କରାଯାଇ ତନ୍ମଧ୍ୟରୁ ସର୍ବନିମ୍ନ ଦରଦାତା ଭାବେ ଶ୍ରୀ ସର୍ବଜିତ୍ ମୁଣ୍ଡଙ୍କୁ ଚୟନ କରାଯାଇ କାର୍ଯ୍ୟାଦେଶ ସଂଖ୍ୟା-୧୦୪୧ ତା ୦୫.୦୧.୨୦୨୪ ରିଖ ଏବଂ ଚୁକ୍ତିପତ୍ର ସଂଖ୍ୟା-୩୧୯/୨୦୨୩-୨୪ ରିଖ ଅନୁଯାୟୀ ତାଙ୍କୁ କାର୍ଯ୍ୟ କରିବା ପାଇଁ ଅନୁମତି ଦିଆଯାଇଥିଲା ।

ସେହି ଅନୁସାରେ ଶ୍ରୀ ସର୍ବଜିତ୍ ମୁଣ୍ଡ କିଛି କାର୍ଯ୍ୟ କରି ଉକ୍ତ କାର୍ଯ୍ୟର ପ୍ରଥମ ପ୍ରାପ୍ୟ (1st R/A bill) ମଧ ନେଇଥିଲେ କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ସେ କାର୍ଯ୍ୟ କରିନଥିଲେ । ଏହାପରେ ସମ୍ପୃକ୍ତ ୱାର୍ଡ଼ର ସହାୟକ ଯନ୍ତ୍ରୀଙ୍କ ତରଫରୁ ତାଙ୍କୁ ବାରମ୍ବାର ତାଗିଦ୍ କରିବା ସତ୍ୱେ ମଧ କାର୍ଯ୍ୟ କରିନଥିଲେ । ଏହାପରେ ନିର୍ବାହୀ ଯନ୍ତ୍ରୀ-୨ ଙ୍କ ତରଫରୁ ମଧ ଅନ୍ତିମ ଚିଠି ସଂଖ୍ୟା-୧୯୮୦୮ ତା ୨୧.୦୪.୨୦୨୫ ରିଖରେ ଅବଗତ କରାଯାଇଥିଲେ ମଧ ସେ କାର୍ଯ୍ୟଟିକୁ ସମ୍ପୂର୍ଣ୍ଣ କରିନଥିଲେ ଯାହା ଫଳରେ କି ସମ୍ପୃକ୍ତ ଅଂଚଳବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ ।

ନଥି ନଂ- XXIX-II-729/2023 ଟିପ୍ପଣୀ ପୃଷ୍ଠା-୧୩ ରୁ ୨୩ ମଧରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଶ୍ରୀ ସର୍ବଜିତ୍ ମୁଣ୍ଡଙ୍କ ସହିତ ଉକ୍ତ କାର୍ଯ୍ୟ ପାଇଁ ହୋଇଥିବା ଚୁକ୍ତିପତ୍ର ରଦ୍ଦ (Cancel) କରାଯିବା ସହିତ ସେ ଦାଖଲ କରିଥିବା EMD/ISD ଏବଂ APS ବାଜ୍ୟାପ୍ତ କରିବା ଓ ବାକିଥିବା କାର୍ଯ୍ୟ ଉପରେ ୨୦ % ଆର୍ଥିକ ଦଣ୍ଡ ସ୍ୱରୂପ (penalty) ଦେବା ଏବଂ ୩ ବର୍ଷ ପାଇଁ ଭୁବନେଶ୍ୱର ମହାନଗର ନିଗମରେ କୌଣସି ନିବିଦାରେ ଅଂଶଗ୍ରହଣ ନକରିବା (debared from BMC tender for 3 years) ଏବଂ ତାଙ୍କୁ କଳାତାଲିକାଭୁକ୍ତ କରିବା ପାଇଁ ତାଙ୍କୁ ଲାଇସେନ୍ସ ପ୍ରଦାନ କରିଥିବା ଅଧିକାରୀଙ୍କୁ ଅନୁରୋଧ କରିବା ନିମନ୍ତେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ-୩. ପ୍ରସ୍ତାବ ବର୍ଣ୍ଣିତ ମତେ ଶ୍ରୀ ସର୍ବଜିତ୍ ମୁଣ୍ଡଙ୍କ ସହିତ ଉକ୍ତ କାର୍ଯ୍ୟ ପାଇଁ ହୋଇଥିବା ଚୁକ୍ତିପତ୍ର ରଦ୍ଦ (Cancel) କରାଯିବା ସହିତ ସେ ଦାଖଲ କରିଥିବା EMD/ISD ଏବଂ APS ବାଜ୍ୟାପ୍ତ କରିବା ଓ ବାକିଥିବା କାର୍ଯ୍ୟ ଉପରେ ୨୦ % ଆର୍ଥିକ ଦଣ୍ଡ ସ୍ୱରୂପ (penalty) ଦେବା ଏବଂ ୩ ବର୍ଷ ପାଇଁ ଭୁବନେଶ୍ୱର ମହାନଗର ନିଗମରେ କୌଣସି ନିବିଦାରେ ଅଂଶଗ୍ରହଣ ନକରିବା (debared from BMC tender for 3 years) ଏବଂ ତାଙ୍କୁ କଳାତାଲିକାଭୁକ୍ତ କରିବା ପାଇଁ ତାଙ୍କୁ ଲାଇସେନ୍ସ ପ୍ରଦାନ କରିଥିବା ଅଧିକାରୀଙ୍କୁ ଅନୁରୋଧ କରିବା ସହିତ ସମସ୍ତ ବିଭାଗକୁ ଏ ବିଷୟରେ ଅବଗତ କରାଇବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୪. **କେସ୍ ଫାଇଲ୍** 112/2024 "Repair and Reconstruction of drain with placement of cover slabs in ward no 44,45,53,54,55,56,57,58,59,60,61&67 of BMC" **କେସ୍ ଫାଇଲ୍** 113 /2024 "Repair and Reconstruction of drain with placement of cover slabs in ward no 4,5,10,18,19,28,29,30,32&34 of BMC" & **କେସ୍ ଫାଇଲ୍** 114/2025 "Repair & reconstruction of drain with placement of cover slabs in ward no 1,2,3,16, 20,21 & 26 of BMC" **ଉପରୋକ୍ତ ୱାର୍ଡଗୁଡ଼ିକରେ ଡ୍ରେନ୍ ରକ୍ଷଣାବେକ୍ଷଣ ଏବଂ କଭର ସ୍ଲାବ୍ କାର୍ଯ୍ୟ କର୍ପୋରେସନ ଅନୁମୋଦନ ସହିତ ଗ୍ରହଣ କରାଯାଇଛି ଏବଂ କାର୍ଯ୍ୟାଦେଶ ପ୍ରଦାନ ପ୍ରସ୍ତାବକୁ ଗ୍ରହଣ/ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର। ନଥି ନଂ-** XXXXXV-D-217/2025

| Sl. No. | File no. | Name of work | Estimate Cost (AA) | Agency details | L1 Agreement Amount | Funding | Status | Remarks |
|---|---|---|---|---|---|---|---|---|
| 1 | 112/2025 | Repair and Reconstruction of drain with placement of | 60,86,368 | Bhuasuni Precast Pvt. Ltd ( Director Ajaya kumar Senapati) At Plot no 313/344, Near | 51,74,022 | BMC Fund (Maintenance) | LOA Issued | Works **112/2025, 113/2025** |

| | | | | | | | | |
|---|---|---|---|---|---|---|---|---|
| | | cover slabs in ward no 44,45,53,54,55, 56,57, 58,59,60,61&67 of BMC | | Hanuman Temple, Po/Ps-Bidanasi, Cuttack, Pin-753014, Ph-9439814949, e-mail-bhuasuniprecast@gmail. Com | | 15th FC Capex opex | | & **114/2025** with total agreement amount **3,19,67,886** taken up with balance approved funding from closed works **385/2024** & **387/2024.** |
| 2 | 113/2025 | Repair and Reconstruction of drain with placement of cover slabs in ward no 4,5,10,18,19,28, 29,30,32&34 of BMC | 1,32,17,429 | Sri Pitabas Pradhan At/PO-BalabhadraPur,Ps-Ranpur,Dist-Nayagarh,Pin-752026, Ph-6370970087/ 9556822268, e-mail-pitabas.pradhan111@gmail.com | 1,12,36,136 | BMC Fund (Maintenance) 15th FC Capex opex | LOA Issued | |
| 3 | 114/2025 | Repair & reconstruction of drain with placement of cover slabs in ward no 1,2,3,16, 20,21 & 26 of BMC | 1,83,01,057 | Bhuasuni Precast Pvt. Ltd ( Director Ajaya kumar Senapati) At Plot no 313/344, Po/Ps-Bidanasi, Cuttack, Pin-753014, Ph-9439814949, e-mail-bhuasuniprecast@gmail. com | 1,55,57,728 | BMC Fund (Maintenance) 15th FC Capex opex | LOA Issued | |

ନିର୍ଦ୍ଧାରଣ-୪. ପ୍ରସ୍ତାବ ବର୍ଣ୍ଣିତ ତିନି ଗୋଟି କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ସର୍ବ ସମ୍ମତିକ୍ରମେ କାର୍ଯ୍ୟୋତର ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରସ୍ତାବ-୫. କେସ୍ ଫାଇଲ୍ 134/2025 "ଇସ୍କନ୍ NH-16 ରୁ ଡ୍ରେନ୍ ନମ୍ବର 10 ଭାୟା ବେହେରା ସାହି ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ" agreement amount ୧୪,୦୫,୯୨,୯୮୪.୦୦ ଏବଂ 135/2025 "ଆଶ୍ରମ ସ୍କୁଲରୁ ଡ୍ରେନ୍ ନମ୍ବର 10 ବୋମିଖାଲ ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ" agreement amount ୭,୧୫,୦୦,୮୬୮.୦୦ ସହିତ କାର୍ଯ୍ୟଗୁଡ଼ିକ NDMF ଅଧୀନରେ ଉପଲବ୍ଧ ପାଣି ସହିତ ଗ୍ରହଣ କରାଯାଇଛି। କାର୍ଯ୍ୟାଦେଶ ପ୍ରଦାନ ପ୍ରସ୍ତାବକୁ ଗ୍ରହଣ/ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର। ନଥି ନଂ- XXXXXV-D-217/2025

The list of Drainage works taken up with Administrative approval & placement in Corporation is submitted for approval of Contract committee.

| Sl. No. | File no. | Name of work | Estimate Cost (AA) | Agency details | L1 Agreement Amount | Funding | Status | Remarks |
|---|---|---|---|---|---|---|---|---|
| 1 | 134/2025 | Construction of drain from ISKON NH-16 to Drain no 10 via Behera Sahi | 15,66,14,665 | Sri Bijay Kumar Pradhan At-Giringo, PO/PS-Balipatna,Dist-Khordha, Pin 752102, Ph-9777248538, e-mail-bpradhanukt@gmail.com | 14,05,92,984 | NDMF | LOA Issued | |
| 2 | 135/2025 | Construction of drain from Ashram School to Drain no 10 Bomikhal | 8,41,08,774 | Sri Krushna Chandra Mohanty Plot No 394/A,Radha Krushna Nagar,Dist-Khordha, Pin 751002, Ph-9777202040, e-mail-kcmohanty1986@gmail. com | 7,15,00,868 | NDMF | LOA Issued | |

ନିର୍ଦ୍ଧାରଣ-୫. ପ୍ରସ୍ତାବ ବର୍ଣ୍ଣିତ ଦୁଇ ଗୋଟି କାର୍ଯ୍ୟ ସମ୍ପର୍କରେ କମିଟି ଅବଗତ ହେଲେ ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୨୮ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ସୁଲୋଚନା ଦାସ
ସଭାପତି
ତା ୨୨.୦୮.୨୦୨୫ ରିଖ